## ସଂକ୍ଷେପରେ

### ୫ଲକ୍ଷ ଟଙ୍କାର କାଠ, ପଟା ଜବତ

ଏମଭି-୭୯,୧୧।୧୦(ଡି.ଏନ.ଏ.)- ମାଲକାନଗିରି ଜିଲା ଏମଭି-୭୯ସ୍ଥିତ ବନବିଭାଗ ପକ୍ଷରୁ ମାନ୍ୟମକୋଣ୍ଡା ଅଞ୍ଚଳରୁ ଲକ୍ଷାଧିକ ଟଙ୍କାର କାଠ ଗଣ୍ଡି ଓ ପଟା ଜବତ ହୋଇଛି। ମାନ୍ୟମକୋଣ୍ଡା ପଞ୍ଚାୟତର କୋୟାଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗଛ କାଟି ପଟା ତିଆରି କରାଯାଉଥିବା ସୂଚନା ପାଇ ବନବିଭାଗ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଏହି ସମୟରେ ୧୩ଟି କାଠଗଣ୍ଡି ଓ ୧୦ଟି ପଟା ଜବତ ହୋଇଥିଲା। ତେବେ ପୂର୍ବରୁ ସୂଚନା ପାଇ କାଠ କାଟୁଥିବା ଲୋକମାନେ ଫେରାର ହୋଇଯାଇଥିଲେ। କର୍ମଚାରୀମାନେ ଜବତ କାଠଗୁଡ଼ିକୁ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ଜବତ କାଠ ଓ ପଟାର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ଚଢ଼ାଉରେ ରେଞ୍ଜର ବଳରାମ ନାୟକ, ଫରେଷ୍ଟର ସୁମିତ ବିଶ୍ୱାସ, ବଳରାମ ପାଣିଗ୍ରାହୀ, ଶିବଜିତ ମଣ୍ଡଳ, ଟୁକୁନା ବାରୋଇଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

### ମାଲକାନଗିରି ଜିଲାରୁ ୨୭ ଚିହ୍ନଟ

ମାଲକାନଗିରି, ୧୧।୧୦ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ରବିବାର ୨୭ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୧୫୨ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ମାଲକାନଗିରି ପୌର ପରିଷଦର ୧୧ ଜଣ, ବାଲିମେଳା ଏନଏସିରୁ ୩, ମାଥିଲି ଓ ପଡିଆ ବ୍ଲକରୁ ଜଣେ ଲେଖାଏ, ମାଲକାନଗିରି ଓ କୋରୁକୋଣ୍ଡା ବ୍ଲକରୁ ୨ ଜଣ ଲେଖାଏ, କାଲିମେଳା ବ୍ଲକରୁ ୭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### କୋଭିଡ୍ ଗାଇଡ୍‌ଲାଇନ ସଚେତନ କଲେ ତହସିଲଦାର

ନାରାୟଣପାଟଣା,୧୧।୧୦(ଡି.ଏନ.ଏ.)- ନାରାୟଣପାଟଣାଠାରେ ରବିବାର ହାଟରେ କୋଭିଡ ଗାଇଡ ଲାଇନ ପାଳନ କରିବା ନେଇ ତହସିଲଦାର ଅଭିଷେକ ଦାସ ମାଇକ ଦ୍ୱାରା ପ୍ରଚାର କରି ଲୋକଙ୍କୁ ସଚେତନ କରିଛନ୍ତି। ସୋମବାରଠାରୁ ଜନସାଧାରଣମାନେ ଯଦି ବିନା ମାସ୍କରେ ବୁଲିବେ ତେବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ଦାସ କହିଛନ୍ତି।

### କୋରାପୁଟ ଟାଉନ ଥାନାରେ ନୂଆ ଅଧିକାରୀ

କୋରାପୁଟ,୧୧।୧୦(ସ୍ୱ.ପ୍ର.)- କୋରାପୁଟ ଟାଉନ ଥାନାର ନୂତନ ଥାନା ଅଧିକାରୀ ଭାବେ ଧୀରେନ ପଟ୍ଟନାୟକ ରବିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ଜିଲାର କାକିରିଗୁମ୍ମା ଥାନାରେ କାର୍ଯ୍ୟ କରୁଥିଲେ। ସହରର ଆଇନ ଶୃଙ୍ଖଳା ରକ୍ଷା ସହିତ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ପ୍ରତି ଗୁରୁତ୍ୱ ଦେବେ ବୋଲି ପଟ୍ଟନାୟକ କହିଛନ୍ତି। ସେହିପରି କାକିରିଗୁମ୍ମା ଥାନା ଅଧିକାରୀ ଭାବେ ଉଲାସ ଚନ୍ଦ୍ର ରାଉତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ ପୂର୍ବରୁ ଏଠାରେ ଥିବା ଥାନା ଅଧିକାରୀ ପୀତବାସ ଧାରୁଆଙ୍କ ମୃତ୍ୟୁ ହେବାରୁ ଏହି ପଦବୀ ଖାଲି ପଡିଥିଲା।

### କୋରାପୁଟ: କରୋନାରେ ଜଣକର ମୃତ୍ୟୁ

କୋରାପୁଟ,୧୧।୧୦(ସ୍ୱ.ପ୍ର.)- କୋରାପୁଟ ଜିଲାରେ ରବିବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘୋଷିତ ତଥ୍ୟ ଅନୁଯାୟୀ ଜିଲାରେ କରୋନାରେ ପୁଣି ଜଣଙ୍କର ମୃତ୍ୟୁ ହୋଇଛି। ସେ ଜଣେ ୬୦ ବର୍ଷର ମହିଳା। ପୂର୍ବରୁ ଜିଲାରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରବିବାରର ମୃତକଙ୍କୁ ମିଶାଇ ଏହା ୧୩ରେ ପହଞ୍ଚିଛି। ଅନ୍ୟପକ୍ଷରେ ଆଉ ୭୨ ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାଯାଇଛି। କ୍ୱାରାଣ୍ଟାଇନ କେନ୍ଦ୍ରରୁ ୪ ଜଣ, ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୩୬ ଓ ୩୨ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଜିଲାର କୋରାପୁଟ ମ୍ୟୁନିସିପାଲିଟିରୁ ୧୪ ଜଣ, ଜୟପୁର ମ୍ୟୁନିସିପାଲିଟିରୁ ୧୪, ସୁନାବେଡା ମ୍ୟୁନିସିପାଲିଟିରୁ ଜଣେ ଓ କୋଟପାଡ ଏନଏସିରୁ ୨ ଜଣ ରହିଛନ୍ତି। କୋରାପୁଟ ବ୍ଲକରୁ ୪, ବୋରିଗୁମ୍ମା, ଲମତାପୁଟ ଓ ନନ୍ଦପୁର ବ୍ଲକରୁ ୨ ଜଣ ଲେଖାଏ, ବୈପାରିଗୁଡା ଓ ଲକ୍ଷ୍ମୀପୁର ବ୍ଲକରୁ ୫ ଜଣ ଲେଖାଏ, ଦଶମନ୍ତପୁର ବ୍ଲକରୁ ୩, ଜୟପୁର ବ୍ଲକରୁ ୧୦, କୋଟପାଡ଼ ଓ କୁନ୍ଦୁରା ବ୍ଲକରୁ ୪ ଜଣ ଲେଖାଏ ପଜିଟିଭ ରହିଥିବା ଜିଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି।

# ବ୍ୟବଚ୍ଛେଦ ପାଇଁ ୭ କିମି କାନ୍ଧରେ ବୋହିଲେ ଗ୍ରାମବାସୀ

**ଗାଁକୁ ନାହିଁ ରାସ୍ତା**
- ଆମ୍ବୁଲାନ୍ସ ଦେଲେନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ
- ଅସନ୍ତୋଷ ପ୍ରକାଶ କଲେ ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ
- ଫେରିବା ବେଳେ ହସ୍ତକ୍ଷେପ କଲେ ଥାନା ଅଧିକାରୀ

ପଟ୍ଟାଙ୍ଗି,୧୧।୧୦(ଡି.ଏନ.ଏ.)

କୋରାପୁଟ ଜିଲାର କେତେକ ଅଞ୍ଚଳକୁ ଏ ଯାଏ ରାସ୍ତା ନ ଥିବାରୁ ଲୋକେ ଯାତାୟାତରେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଏପରିକି ସ୍ୱାସ୍ଥ୍ୟସେବା ପାଇଁ ରୋଗୀମାନେ ଡାକ୍ତରଖାନା ଯିବାକୁ ହଇରାଣ ହେଉଛନ୍ତି। କେତେକ କ୍ଷେତ୍ରରେ ରୋଗୀ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହେଉଛି। ଏପରି ଜଣେ ମୃତ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ନେବାକୁ ରାସ୍ତାଘାଟ ସୁବିଧା ନ ଥିବାରୁ ଗ୍ରାମବାସୀ ରବିବାର ତାଙ୍କ ମୃତଦେହ କାନ୍ଧରେ ବୋହି ୭ କିମି ଦୂରରେ ଥିବା ଡାକ୍ତରଖାନା ନେଇଛନ୍ତି। ଏପରି ଦେଖିବାକୁ ମିଳିଛି ଜିଲାର ପଟ୍ଟାଙ୍ଗି ବ୍ଲକ ଗାଙ୍ଗରାଜପୁର ପଞ୍ଚାୟତର ସିତାରାଇ ଗ୍ରାମରେ।

ଖବରରୁ ଜଣାପଡ଼ିଛି ଶନିବାର ରାମାନା ପାଙ୍ଗିଙ୍କ ସ୍ତ୍ରୀ କମଳା ପାଙ୍ଗିଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହ ବ୍ୟବଚ୍ଛେଦ ଲାଗି ଗ୍ରାମବାସୀ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ପଠାଇବା ଲାଗି ରବିବାର ଫୋନ୍ କରିଥିଲେ। ସେମାନଙ୍କ ଗ୍ରାମକୁ ରାସ୍ତା ନ ଥିଲେ ମଧ ଗୁଡିଆମ୍ବଗୁଡାରୁ ପଟ୍ଟାଙ୍ଗି



ଗ୍ରାମବାସୀ କାନ୍ଧେଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଟ୍ଟାଙ୍ଗି ଡାକ୍ତରଖାନା ନେଉଛନ୍ତି।

୪ କିମି ପିଚୁ ରାସ୍ତା ଥିବାରୁ ସେମାନେ ଗ୍ରାମରୁ ଗୁଡିଆମ୍ବଗୁଡା ପର୍ଯ୍ୟନ୍ତ ମୃତଦେହ ନେଇଯିବାକୁ କହିଥିଲେ। ସେଠାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ନେବେ। ମାତ୍ର ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୌଣସି ସହଯୋଗ କରାଯାଇ ନ ଥିଲା। ଗୁଡିଆମ୍ବଗୁଡାରେ ଆମ୍ବୁଲାନ୍ସ ପହଞ୍ଚି ନ ଥିଲା। ଫଳରେ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସମିତି ସଭ୍ୟ କୁଲୁରା ଗୁଣ୍ଡା, ସରପଞ୍ଚ ପାଦି ବଲ୍ଲୁ ମୃତଦେହକୁ କାନ୍ଧେଇ ସୀତାରାଇ ଗ୍ରାମରୁ ୭ କିମି ଦୂରରେ ଥିବା ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ବ୍ୟବଚ୍ଛେଦ କରାଇଛନ୍ତି। ଗ୍ରାମବାସୀ ଗ୍ରାମରୁ ମୃତଦେହ କାନ୍ଧେଇ ଆଣିଥିବା ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଜାଣିବା ପରେ ଗ୍ରାମକୁ ମୃତଦେହ ନେବାକୁ ଆମ୍ବୁଲାନ୍ସ ଦେବାକୁ କହିଥିଲେ। ମାତ୍ର ଗ୍ରାମବାସୀ ଆମ୍ବୁଲାନସ ନେବାକୁ ରାଜି ହୋଇ ନ ଥିଲେ। ମୃତଦେହ ଡାକ୍ତରଖାନା ଆଣିବାକୁ ତ ଆମ୍ବୁଲାନ୍ସ ଦେଲନି, ଏବେ କ'ଣ ପାଇଁ ଦେବ। ଆମେ ବ୍ୟବଚ୍ଛେଦ ହୋଇଥିବା ମୃତଦେହ ଯେମିତି ଆଣିଥିଲୁ ସେମିତି ଗ୍ରାମକୁ ନେବୁ ବୋଲି କହିଥିଲେ। ଶେଷରେ ସେଠାରେ ଉପସ୍ଥିତ ଥିବା ଥାନା ଅଧିକାରୀ ବିଜୟ ରାଜ ମାଝି ଏଥିରେ ହସ୍ତକ୍ଷେପ କରି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ମହିଳାଙ୍କ ମୃତଦେହକୁ ଆମ୍ବୁଲାନସ ଯୋଗେ ଗୁଡିଆମ୍ବଗୁଡା ପର୍ଯ୍ୟନ୍ତ ପଠାଇଥିଲେ। ସୂଚନାଯୋଗ୍ୟ ଯେ, ଗ୍ରାମକୁ ରାସ୍ତା ନ ଥିବାରୁ କୌଣସି ଗାଡିମୋଟର ମଧ ଯାତାୟାତ କରିପାରୁନାହିଁ। ଫଳରେ ଗ୍ରାମବାସୀ ଅନେକ ଅସୁବିଧା ସମ୍ମୁଖୀନ ହେଉଥିବା ଜିଲା ପରିଷଦ ସଭ୍ୟ ଖରା ଏବଂ ସମିତି ସଭ୍ୟ ଗୁଣ୍ଡା ପ୍ରକାଶ କରିଛନ୍ତି। ରାସ୍ତା ନିର୍ମାଣ ପ୍ରତି ପ୍ରଶାସନ ଆଖି ବୁଜିଦେଇଛି। ଏ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଅସମୟରେ ଲୋକେ ସ୍ୱାସ୍ଥ୍ୟସେବା ନ ପାଇ ମୃତ୍ୟୁବରଣ କରୁଛନ୍ତି ବୋଲି ପଞ୍ଚାୟତ ସମିତି ଅଧକ୍ଷ ଜଗତଜ୍ୟୋତି ପାଙ୍ଗି କହିଛନ୍ତି।

# ବାଗ୍ରା ଘାଟିରେ ସ୍କୁଟିକୁ ଧକ୍କା ଦେଲା ଭ୍ୟାନ୍: ଜଣେ ମୃତ

ଦଶମନ୍ତପୁର, ୧୧।୧୦( ଡ଼ି.ଏନ.ଏ )

କୋରାପୁଟ ଜିଲା ସଦର ବ୍ଲକ ଅଧୀନ ବାଗ୍ରା ଘାଟିରେ ଓହ୍ଲାଉଥିବା ବେଳେ ଏକ ସ୍କୁଟି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏଥିରେ ଜଣକର ମୃତ୍ୟୁ ହୋଇଛି। ସେ ହେଲେ ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ବାଣୁଆଗୁଡ଼ା ଗ୍ରାମର ଦେବେନ୍ଦ୍ର ନାୟକ (୨୮)। ସଦାଶିବ ନାୟକଙ୍କ ପୁଅ ଦେବେନ୍ଦ୍ର ଦୁଇ ମାସ ହେବ ଜୟପୁରର ଏକ ବ୍ୟାଙ୍କରେ କାର୍ଯ୍ୟରତ ଥିଲେ। ରବିବାର ଥିବାରୁ ସେ ଶନିବାର ଅପରାହ୍ନରେ ନିଜ ଘରକୁ ସ୍କୁଟି (ଓଡି୧୦ଏମ୍‌ହହ୨୯) ଯୋଗେ ଫେରୁଥିଲେ। ବାଗ୍ରା ଘାଟି ଓହ୍ଲାଉଥିବା ବେଳେ ତାଙ୍କ ସ୍କୁଟିକୁ ବିପରୀତ ଦିଗରୁ ଆସୁଥିବା ଏକ ମ୍ୟାକ୍ସ ପିକଅପ ଭ୍ୟାନ( ଓଆର ୧୦ଇ-୧୦୩୮) ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଦେବେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ କୋରାପୁଟ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଓ ସ୍କୁଟିକୁ ଥାନାକୁ ନେଇଯାଇଥିଲା। ଏନେଇ ପରିବାର ଲୋକେ ପହଞ୍ଚି ଅସନ୍ତୋଷ ପ୍ରକାଶ କରିଥିଲେ। ଆମେ ଆସିବା ପୂର୍ବରୁ କାହିଁକି ମୃତଦେହ ଘଟଣା ସ୍ଥଳରୁ ନେଇ ଆସିଲ ବୋଲି ପ୍ରଶ୍ନ ଉଠାଇଥିଲେ। ଦୁର୍ଘଟଣା ଘଟାଇଥିବା ଭ୍ୟାନକୁ ଜବତ କରି ଚାଳକଙ୍କୁ ଗିରଫ କରିବା ଲାଗି ଦାବି କରିଥିଲେ। ଏଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପରିବାର ଲୋକଙ୍କୁ ବୁଝାଶୁଝା କରି ପୋଲିସ ଶାନ୍ତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଓୟୁଏଟି ପ୍ରବେଶିକା ପରୀକ୍ଷା ଶେଷ



ଜୟପୁର ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳରେ ପରୀକ୍ଷା ଦେବାପାଇଁ ଛାତ୍ରୀ ଛାତ୍ରଙ୍କ ଭିଡ଼।

**୩ କେନ୍ଦ୍ରରେ ୭୯୧ ଛାତ୍ରୀଛାତ୍ର ପରୀକ୍ଷା ଦେଲେ**

ଜୟପୁର,୧୧।୧୦(ଡି.ଏନ.ଏ )-

ସାରା ରାଜ୍ୟରେ କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପ୍ରବେଶିକା ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଥିଲା। କୋରାପୁଟ ଜିଲା ଜୟପୁର ସହରରେ ୩ଟି ପରୀକ୍ଷା କେନ୍ଦ୍ରରେ ୭୯୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଏଥିରୁ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୪୫୪ ଜଣଙ୍କ ମଧ୍ୟରୁ ୩୩୩ ଜଣ, ରୟାଲ ଜୁନିୟର କଲେଜରେ ୪୦୦ରୁ ୩୯୨ଜଣ ଏବଂ ନାରାୟଣୀ ଜୁନିୟର କଲେଜରେ ୧୧୦ ଜଣଙ୍କ ମଧ୍ୟରୁ ୬୬ ଜଣ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ। କୋଭିଡ କଟକଣା ନିୟମ ପାଳନ କରାଯାଇ ଉପରୋକ୍ତ ପରୀକ୍ଷାକେନ୍ଦ୍ରଗୁଡିକରେ ପରୀକ୍ଷା ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଜୟପୁର ତହସିଲଦାର ଅଶ୍ୱିନୀ ମହାପାତ୍ର ତଦାରଖ କରିଥିଲେ।

# କୋଭିଡ କେୟାର ସେଣ୍ଟରରେ ମିଳୁଛି ନିମ୍ନମାନର ଖାଦ୍ୟ

**ଅନ୍ତେବାସୀଙ୍କ ବିରୋଧ**

ଜୟପୁର,୧୧।୧୦(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ପାରାବେଢାସ୍ଥିତ କୋଭିଡ କେୟାର ସେଣ୍ଟରରେ ବିଳମ୍ବରେ ଜଳଖିଆ, ମଧ୍ୟାହ୍ନ ଭୋଜନ ପ୍ରଦାନ ସହିତ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଥିବା ନେଇ ରବିବାର ଅନ୍ତେବାସୀମାନେ ଅଭିଯୋଗ କରି ମଧ୍ୟାହ୍ନ ଭୋଜନ ଗ୍ରହଣ କରିନାହାନ୍ତି। ଫଳରେ ଏଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। କୋଭିଡ କେନ୍ଦ୍ର ଦାୟିତ୍ୱ ଥିବା ଅଧିକାରୀ ଓ କର୍ମଚାରୀ ସେମାନଙ୍କୁ ବୁଝାଶୁଝା ପରେ ସାଢେ ୩ଟାରେ ଅନ୍ତେବାସୀ ଖାଦ୍ୟ ଗ୍ରହଣ କରିଥିଲେ। ପୂର୍ବରୁ ସେଣ୍ଟରରେ ରନ୍ଧନ ଖାଦ୍ୟ ଯୋଗାଉଥିବା ସଂସ୍ଥା ପରିବର୍ତ୍ତନ ପରେ ଅନ୍ୟ ଏକସଂସ୍ଥା ଦାୟିତ୍ୱ ନେଇଥିଲା। ଏହି ସଂସ୍ଥା ପୂର୍ବାହ୍ନରେ ଜଳଖିଆ ସାଢେ ୧୦ଟାରେ ଦେଇଥିଲା। ପରେ ମଧ୍ୟାହ୍ନ ଭୋଜନ ଅପରାହ୍ନ ସାଢେ ୨ଟାରେ ଦେଇଥିଲା। ଖାଦ୍ୟର ପରିମାଣ କମ ରହିବା ସହ ନିମ୍ନମାନର ହୋଇଥିବାରୁ ଅନ୍ତେବାସୀ ଖାଦ୍ୟ ଗ୍ରହଣ କରିବାକୁ ମନା କରିଦେଇଥିଲେ ବୋଲି ଗତ ୭ରୁ ଏଠାରେ ରହୁଥିବା ଅନ୍ତେବାସୀ ଶ୍ରୀକାନ୍ତ ସାହୁ ପ୍ରକାଶ କରିଛନ୍ତି। ଏବିଷୟରେ ଉପଜିଲାପାଳ ହେମକାନ୍ତ ସଏଙ୍କୁ ପଚାରିବାରୁ ସେ କହିଲେ ଯେ, ରନ୍ଧାଖାଦ୍ୟ ଯୋଗାଉଥିବା ସଂସ୍ଥା ପରିବର୍ତ୍ତନ ଯୋଗୁ ପ୍ରଥମ ଦିବସରେ ସାମାନ୍ୟ ସମସ୍ୟା ହୋଇଥିଲା। ଏବେ ସବୁସମସ୍ୟାର ସମାଧାନ ହୋଇଯାଇଛି।

## କୋଭିଡ କଟକଣା: ପ୍ରଶାସନ ପକ୍ଷରୁ ଧରପଗଡ
# ଅମାନିଆଙ୍କଠାରୁ ଜରିମାନା

କୋରାପୁଟ,୧୧।୧୦(ସ୍ୱ.ପ୍ର.)

କୋରାପୁଟ ଜିଲାରେ କୋରନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ଜିଲା ପ୍ରଶାସନ ଚିନ୍ତା ପ୍ରକଟ କରିଛି। କୋଭିଡ କଟକଣା କଡାକଡି ପାଳନ ନେଇ ଜିଲାର ବିଭିନ୍ନ ସ୍ଥାନରେ ରବିବାର ଧରପଗଡ କରାଯାଇ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର ଓ ଏସପି ମୁକେଶ ଭାମୁଙ୍କ ନିର୍ଦ୍ଦେଶରେ କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର, ଏସଡିପିଓ ଗୁଣନିଧି ମଲ୍ଲିକ, ତହସିଲଦାର ରଞ୍ଜନ କୁମାର ମାନସେଠ ପ୍ରମୁଖ ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ପରିଦର୍ଶନ କରି ଉଭୟ ବ୍ୟବସାୟୀ ଓ ଗ୍ରାହକମାନେ କୋଭିଡ ଗାଇଡଲାଇନକୁ ଠିକ ଭାବେ ପାଳନ କରୁଛନ୍ତି କି ନାହିଁ ତଦାରଖ କରି ଏଥିରେ ଖିଲାପକାରୀ ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରିଥିଲେ। ସେହିପରି ସହରର ସଦରଥାନା ନିକଟରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ଅମାନିଆ ଗାଡି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜରିମାନା ଆଦାୟ କରିଥିଲେ। ଅମାନିଆଙ୍କ ବିରୋଧରେ ୧୯ଟି ମାମଲା ରୁଜୁ ହୋଇଛଇ। ଏପରି ଧରପଗଡ ଆଗାମୀ ଦିନରେ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# କଂଗ୍ରେସ ଅଭିଯୋଗ କରିବାର ନୈତିକତା ହରାଇଛି: ଭାଜପା

**ଜୋର ଧରିଲା କୁଶ ପୁତ୍ତଳିକା ଦାହ ରାଜନୀତି**

ଜୟପୁର,୧୧।୧୦(ଡି.ଏନ.ଏ )

ଉତ୍ତରପ୍ରଦେଶ ହାଥରସଠାରେ ଦଳିତ ନାବାଳିକାଙ୍କୁ ବଳାତ୍କାର ଏବଂ ହତ୍ୟା କରାଯାଇଥିବା ନେଇ କଂଗ୍ରେସ ଦଳର ବିରୋଧକୁ ସମାଲୋଚନା କରାଯାଇ ଗତ ଶୁକ୍ରବାର ଜୟପୁର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କଂଗ୍ରେସର ରାହୁଲଗାନ୍ଧି, ପ୍ରିୟଙ୍କା ଗାନ୍ଧି ଏବଂ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ କୁଶ ପୁତ୍ତଳିକା ଦାହ କରିଥିଲା। ଏନେଇ ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଭାଜପା ଗଣତନ୍ତ୍ରକୁ ହତ୍ୟା କରୁଥିବା କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ସେହିପରି ଯୁବକଂଗ୍ରେସ ଏବଂ ଏଆଇସିସି ସଦସ୍ୟଙ୍କ ପକ୍ଷରୁ ଥାନାରେ କୋଭିଡ ନିୟମ ଉଲ୍ଲଂଘନ ହୋଇଥିବା ନେଇ ଭାଜପା ଯୁବମୋର୍ଚ୍ଚାର ସଦସ୍ୟଙ୍କ ବିରୋଧରେ ଏତଲା ହୋଇଥିଲା। ରବିବାର ଭାଜପା ପକ୍ଷରୁ ପାଲଟା ଅଭିଯୋଗ କରାଯାଇଛି। ଏକ ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତାମାନେ କଂଗ୍ରେସ ଦଳ ଅଭିଯୋଗ କରିବାର ନୈତିକତା ହରାଇଛି ବୋଲି କହିଛନ୍ତି। କଂଗ୍ରେସ କର୍ମୀ ଓ ନେତାମାନେ ଜିଲାର ଲକ୍ଷ୍ମୀପୁରଠାରେ ଏବଂ ବାଲେଶ୍ୱରଠାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁହଁରେ ମାସ୍କ ନ ଥାଇ ଯେଉଁ ଆନ୍ଦୋଳନ କରିଥିଲେ ତାହାଦ୍ୱାରା କ'ଣ କୋଭିଡ ନିୟମ ଉଲ୍ଲଂଘନ ହୋଇନାହିଁ କି ବୋଲି ପାଲଟା ପ୍ରଶ୍ନ କରଛନ୍ତି। କଂଗ୍ରେସ ନିଜ ଅପକର୍ମ ଲୁଚାଇବା ପାଇଁ ଭାଜପା ବିରୋଧରେ ଅଭିଯୋଗ କରିବା ହାସ୍ୟାସ୍ପଦ। ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କଂଗ୍ରେସ ବିଧାୟକ ଏବଂ ଜାତୀୟ ନେତାଙ୍କ କୁଶ ପୁତ୍ତଳିକା ଦାହ କରିବା କୌଣସି ଅପରାଧ ନୁହେଁ ବୋଲି ରାଜ୍ୟ ଭାଜପା ନିମନ୍ତ୍ରିତ ସ୍ଥାୟୀ ସଦସ୍ୟ ଗୌତମ ସାମନ୍ତରାୟ, ରବୀନ୍ଦ୍ର ରଣା, ମାଧବ ଗାଦବା ପ୍ରମୁଖ ପ୍ରକାଶ କରିଛନ୍ତି।




ଖବରଦାତା ସମ୍ମିଳନୀରେ ଭାଜପା ଯୁବମୋର୍ଚ୍ଚା କର୍ମମର୍ତ୍ତାମାନେ ସୂଚନା ଦେଉଛନ୍ତି।

# ହାତଗୁଞ୍ଜା ଦେଇ ଦେଢ଼ ବର୍ଷ ବିତିଲାଣି

**ପ୍ରାପ୍ୟ ମିଳୁନି, ଅପେକ୍ଷା କରିଛନ୍ତି ଠିକାଦାର**

ଦଶମନ୍ତପୁର, ୧୧।୧୦( ଡି.ଏନ.ଏ. )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତର ଭଞ୍ଜପଦର ଗ୍ରାମର ଜଣେ ଠିକାଦାର ପଞ୍ଚାୟତ ଅଧିକାରୀ ଓ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ମଧ ଦୀର୍ଘ ଦେଢ଼ବର୍ଷ ହେବ ସେ ବିଲ୍ ବାବଦ ପ୍ରାପ୍ୟ ପାଇନାହାନ୍ତି। ଠିକାଦାର ରାଜୀବ ସାଉଁନ୍ତା ମଶାଣିରେ ଏକ ଶବଦାହ ଗୃହ ନିର୍ମାଣ ପାଇଁ ପଞ୍ଚାୟତରୁ କାର୍ଯ୍ୟାଦେଶ ପାଇଥିଲେ। ଏହାର ବ୍ୟୟ ଅଟକଳ ମୂଲ୍ୟ ୨ ଲକ୍ଷ ଥିଲା। ପଞ୍ଚାୟତର ଅଧିକାରୀଙ୍କଠାରୁ ଆରମ୍ଭ କରି କର୍ମଚାରୀମାନେ ବିଲ୍ କରାଇଦେବି କହି ତାଙ୍କଠାରୁ ଅର୍ଥ ନେଇଥିଲେ। ଇତିମଧ୍ୟରେ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ ମୋତେ ମୋ ପ୍ରାପ୍ୟ ମିଳିନାହିଁ ବୋଲି ରାଜୀବ ଅଭିଯୋଗ କରିଛନ୍ତି। ଧାର ଉଦ୍ଧାର କରି କାର୍ଯ୍ୟ କରିଥିବାରୁ ଲୋକମାନେ ଆସି ମୋ ଘରେ ପାଟିତୁଣ୍ଡ କରୁଛନ୍ତି। ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା କାର୍ଯ୍ୟର ବିଲ୍ ହୋଇ ଠିକାଦାରମାନେ ସେମାନଙ୍କ ପ୍ରାପ୍ୟ ପାଇଯାଉଥିବା ବେଳେ ମୋଠାରୁ ଏବାବଦରେ ଅର୍ଥ ନେଇ ମଧ ମୋ ବିଲ୍ କାହିଁକି କରାଯାଉ ନାହିଁ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏହି ବିଲ୍ ନ କଲେ ଆଗାମୀ ଦିନରେ ମୁଁ ଜିଲାପାଳଙ୍କୁ ଭେଟିବି ବୋଲି ରାଜୀବ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡ଼ିଓ ଡ଼ମ୍ବରୁଧର ମଲ୍ଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ପିଇଓ ଅର୍ଜୁନ ଟାକ୍ରିଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ସମ୍ପର୍କରେ ମୁଁ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେ ଯାହା ପଦକ୍ଷେପ ନେବେ ବୋଲି କହିଛନ୍ତି।

# ନିଜେ ସ୍ୱାବଲମ୍ବୀ ହୋଇ ୧୨ ପରିବାରକୁ ଯୋଗାଇଛନ୍ତି ଜୀବିକା

**ସଫଳ ଆଚାର ବ୍ୟବସାୟୀ ମଞ୍ଜୁଲତା**

ଜୟପୁର,୧୧।୧୦ (ନି.ପ୍ର.)

ମାତ୍ର ୧୦୦ ଟଙ୍କା ମୂଳଧନରେ ଘରେ ଆରମ୍ଭ କରିଥିଲେ ଆଚାର ପ୍ରସ୍ତୁତି। ଦୀର୍ଘ ୨୦ ବର୍ଷର ପରିଶ୍ରମ ତାଙ୍କୁ ଆଜି ଜଣେ ସଫଳ ଆଚାର ବ୍ୟବସାୟୀର ପରିଚୟ ଆଣିଦେଇଛି। ଏବେ ତାଙ୍କର ବାର୍ଷିକ କାରବାର ୪୦ ଲକ୍ଷରେ ପହଞ୍ଚିଲାଣି। ସେ ହେଉଛନ୍ତି କୋରାପୁଟ ଜିଲା ଜୟପୁର କୁମ୍ଭାର ସାହିର ମଞ୍ଜୁଲତା ପାତ୍ର। ନିଜେ ଆତ୍ମନିର୍ଭରଶୀଳ ହୋଇଥିବା ମଞ୍ଜୁଲତା ୧୨ରୁ ଊର୍ଦ୍ଧ୍ୱ ପରିବାରକୁ ଦେଇଛନ୍ତି ଜୀବିକା। ଆମ୍ବ ଠାରୁ ଆରମ୍ଭ କରି ଲେମ୍ବୁ,ପଣସ, କଳାର ଲଙ୍କା, ଫୁଲକୋବି, ଟମାଟୋ ଆଦିରୁ ସେ ସହଯୋଗୀମାନଙ୍କ ସହାୟତାରେ ପ୍ରସ୍ତୁତ କରନ୍ତି ୪୨ ପ୍ରକାରର ଆଚାର। କୋରାପୁଟ ଜିଲା ସମେତ ପଡୋଶୀ ଜିଲାରେ ସେ କାରବାର କରୁଛନ୍ତି।



ଘରେ ଆଚାର ପ୍ରସ୍ତୁତ କରୁଛନ୍ତି ମଞ୍ଜୁଲତା।

ମଞ୍ଜୁଲତାଙ୍କ ପ୍ରସ୍ତୁତ ଆଚାର ଅନ୍ୟ ଆଚାରଠାରୁ ଉଚ୍ଚମାନର। ତଟକା ପରିବା ଏବଂ ଫଳ ବ୍ୟବହାର କରି ପ୍ରସ୍ତୁତ କରୁଥିବା ଆଚାର ସବୁର ଦର ମଧ ସେ ସବୁ ବର୍ଗର ଲୋକଙ୍କୁ ସୁହାଇବା ପରି ରଖିଛନ୍ତି। ସେମାନେ ନିଜ ଇଚ୍ଛାରେ ଏଠାରେ ପହଞ୍ଚି ନିଜ ପସନ୍ଦର ଆଚାର ଘରପାଇଁ କିଣିନିଅନ୍ତି।

# ବିଦ୍ୟାଳୟ ଯିବାକୁ ଶପଥ ନେଲେ କିଶୋରୀ

- ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ
- କିଶୋରୀଙ୍କ ପାଇଁ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ଲୋଡ଼ା

ମାଲକାନଗିରି/କାଲିମେଳା, ୧୧।୧୦(ଡି.ଏନ.ଏ.)

ମାଲକାନଗିରି ଜିଲାରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ରବିବାର ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଡବ୍ଲ୍ୟୁସିଡି ଓ ଏମ୍‌ଏସ୍ ମନ୍ତ୍ରୀ ଟୁକୁନି ସାହୁ ଅତିଥି ରୂପେ ଯୋଗଦେଇ ଚଳିତବର୍ଷ ଶିଶୁକନ୍ୟାଙ୍କ ପାଇଁ 'ମୋର ସ୍ୱର ଆମମାନଙ୍କର ଏକ ସମାନ ଭବିଷ୍ୟତ ପାଇଁ ରହିଛି ବୋଲି ପ୍ରକାଶ କରିଥିଲେ। ୱେବିନାର ମାଧ୍ୟମରେ ଆୟୋଜିତ ଏହି ଦିବସର କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ, ନିର୍ଦ୍ଦେଶକ, ଡିଏସ୍‌ଡବ୍ଲ୍ୟୁଓ, ଡିସିପିଓ, ସିଡିପିଓଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ମାଲକାନଗିରି ଜିଲାରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ପଞ୍ଚାୟତ ସ୍ତରରେ ମଧ ଏହି ଦିବସ ପାଳନ ହୋଇଥିଲା। କିଶୋରୀମାନେ ଅଂଶଗ୍ରହଣ କରି ବାଲ୍ୟ ବିବାହକୁ ନାଁ ଏବଂ ବିଦ୍ୟାଳୟକୁ ଯିବା ବୋଲି ଶପଥ ପାଠ କରିଥିଲେ।

ସେହିପରି କାଲିମେଳାର ସମନ୍ୱିତ ଶିଶୁ ବିକାଶ ସେବା ପକ୍ଷରୁ ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ଅର୍ନ୍ତଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଛି। ସିଡିପିଓ ସନ୍ଧ୍ୟାରାଣୀ ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶିଶୁକନ୍ୟାର ଅଧିକାର ଓ ସ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବା, ଶିଶୁକନ୍ୟା ପାଇଁ ଏକ ବନ୍ଧୁତ୍ୱପୂର୍ଣ୍ଣ ନିରାପଦ ପରିବେଶ ସୃଷ୍ଟି କରିବା, ସେମାନଙ୍କ ଅଧିକାରକୁ ସମ୍ମାନ ଦେବା, କିଶୋରୀମାନଙ୍କୁ ବାଲ୍ୟ ବିବାହ ନ କରାଇବା, ସେମାନଙ୍କ ପାଠପଢା ବନ୍ଦ ନ କରିବା, ଯୋଉଁ କିଶୋରୀମାନେ ଅଧାରୁ ପାଠ ଛାଡିଛନ୍ତି ସେମାନଙ୍କୁ ବିଭିନ୍ନ ପ୍ରକାର ବୈଷୟିକ ତାଲିମ ଦେବା ଏହି ଦିବସ ପାଳନର ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ଏଥିରେ ସରପଞ୍ଚ, ୱାର୍ଡସଭ୍ୟ, ଆଇସିଡିଏସ ସୁପରଭାଇଜର, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ,ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଗାଁ ମୁଖିଆ, ସମାଜିକ କର୍ମୀଙ୍କ ସହ କିଶୋରୀମାନେ ସାମିଲ ହୋଇଥିଲେ। କାଙ୍ଗୁରୁକୋଣ୍ଡା, ଚିତ୍ରାଙ୍ଗପାଲି, ଗୁମୁକା, ବଡିଗେଟା, ତେଲରାଇ, କାଲିମେଳା, ମାଲାଭରମ, ମହାରାଜପାଲି, କଇମେଟଲା, ବେଜାଙ୍ଗିବାଡା ଆଦି ପଞ୍ଚାୟତ କାର୍ଯ୍ୟାଳୟ ସହ କେତେକ ସ୍ଥାନରେ ଅଙ୍ଗନୱାଡିକେନ୍ଦ୍ର ରେ ଏହି ଦିବସ ପାଳନ ହୋଇଥିଲା। ଶେଷରେ ପଞ୍ଚାୟତସ୍ତରର କର୍ମୀଙ୍କୁ ନେଇ ଶପଥପାଠ କାର୍ଯ୍ୟକ୍ରମ ହୋଇଥିଲା। ଆଇସିଡିଏସର ଦୁଲାଲ ସେନାପତି ସହଯୋଗ କରିଥିଲେ।



ମାଲକାନଗିରିରେ ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କିଶୋରୀମାନେ।

